# D.A.V. PUBLIC SCHOOL, POKHARIPUT, BBSR
## Annual Examination, 2021-2022
## CLASS – IV
## SUBJECT – ODIA

**Time- 1hr 30 mins    Dt-04.03.2022    Maximum Marks -40**

**ସାଧାରଣ ନିର୍ଦ୍ଦେଶାବଳୀ :-**

- ପ୍ରଶ୍ନପତ୍ରରେ 'କ' ଓ 'ଖ' ନାମରେ ଦୁଇଟି ବିଭାଗ ଅଛି ।
- ପ୍ରଶ୍ନପତ୍ରରେ ସର୍ବମୋଟ **୪୦ଟି ପ୍ରଶ୍ନ** ଅଛି ।
- ପ୍ରତ୍ୟେକ ପ୍ରଶ୍ନର **୪ଟି ( a ) (b) (c) ଓ (d) ଭାବରେ ବହୁବୈକଳ୍ପିକ ଉତ୍ତର** ପ୍ରଦାନ କରାଯାଇଛି ।
- ସେଥିମଧ୍ୟରୁ ଠିକ୍ ଉତ୍ତରଟି ଉତ୍ତରମାଳାରେ ଚିହ୍ନିତ କର ।
- ସମସ୍ତ ପ୍ରଶ୍ନର ଉତ୍ତର ବାଧ୍ୟତାମୂଳକ ଅଟେ ।

## 'କ' ବିଭାଗ

**ନିମ୍ନ ପ୍ରଦତ୍ତ ଅନୁଚ୍ଛେଦଟି ପାଠକରି ପ୍ରଶ୍ନ (ସଂଖ୍ୟା ୧ ରୁ ୫ ପର୍ଯ୍ୟନ୍ତ )ଗୁଡ଼ିକର ଠିକ୍ ଉତ୍ତର ବାଛ ।    (୪୦X୧=୪୦)**

ଥରେ ଜଣେ ରାଜା ନିଜର ପ୍ରଜାମାନଙ୍କ ବିଷୟରେ ଜାଣିବାକୁ ଆଗ୍ରହ କରିବାରୁ ଏକ ଗ୍ରାମ ନିକଟରେ ଶିବିର ପକାଇ ରହିଲେ । ରାଜା ନିଜ ସେନାମାନଙ୍କୁ ପାଖ ଗାଁରୁ ଖାଦ୍ୟ ପଦାର୍ଥ ସଂଗ୍ରହ କରି ଆଣିବାକୁ ଆଦେଶ ଦେଲେ । ସେନାମାନେ ଧାନକ୍ଷେତ ପାଖକୁ ଯାଇ ଧାନ କାଟିବାକୁ ଆରମ୍ଭ କଲେ । ଏତିକିବେଳେ ଜଣେ ବୁଢ଼ା ଚାଷୀ ଆସି ସେମାନଙ୍କୁ ଧାନ କାଟିବାକୁ ବାରଣ କଲେ । ସେନାମାନେ ତାକୁ ରାଜାଙ୍କ ଆଦେଶ କହି ଧମକ ଦେବାରୁ ବୁଢ଼ା ଚାଷୀଟି ହାତଯୋଡ଼ି ଧାନ ନ କାଟିବାକୁ ଅନୁରୋଧ କଲା । ବୁଢା ଚାଷୀଟି ସେହି ସେନାମାନଙ୍କୁ ଅନ୍ୟ ଏକ କ୍ଷେତକୁ ଡାକି ନେଲା ଓ ସେଠାରୁ ଧାନ କାଟିବାକୁ କହିଲା । ସୈନ୍ୟମାନେ ତାର କଥାକୁ ବୁଝି ପାରିଲେ ନାହିଁ । ତେଣୁ ସେମାନେ ବୁଢ଼ା ଚାଷୀକୁ ନେଇ ରାଜାଙ୍କ ପାଖରେ ପହଞ୍ଚିଲେ । ରାଜା ଚାଷୀକୁ ଏପରି କରିବାର କାରଣ ପଚାରିଲେ । ବୁଢ଼ା ଚାଷୀ ହାତଯୋଡ଼ି କହିଲା , ମହାରାଜ , ସୈନ୍ୟମାନେ ପ୍ରଥମେ ଯେଉଁ କ୍ଷେତରୁ ଧାନ ନେଉଥିଲେ ସେଇଟି ମୋର ନ ଥିଲା । ମୁଁ ସେ କ୍ଷେତର ଜଗୁଆଳି । ଅନ୍ୟ କ୍ଷେତଟି ମୋ ନିଜର ହୋଇଥିବାରୁ ସେହି କ୍ଷେତରୁ ଧାନ କାଟିବାକୁ କହିଲି । ରାଜା ଚାଷୀର ସଚ୍ଚୋଟପଣିଆ ଯୋଗୁଁ ତାକୁ ଏକ ଶହ ସ୍ୱର୍ଣ୍ଣ ମୁଦ୍ରା ପୁରସ୍କାର ଦେଲେ ।

**୧.ରାଜା କାହିଁକି ବୁଢା ଚାଷୀଟିକୁ ପୁରସ୍କାର ଦେଲେ?**

(a) ବୁଢାଚାଷୀର ସତ୍ ସ୍ୱଭାବ ଯୋଗୁଁ
(b) ବୁଢାଚାଷୀର ପରିଶ୍ରମ ଦେଖି
(c) ବହୁତ ଫସଲ ଅମଳ ହୋଇଥିବାର ଦେଖି
(d) ସେ ବିଶ୍ୱସ୍ତ ହୋଇଥିବାରୁ

**୨. ବୁଢାଚାଷୀଟି ହାତଯୋଡ଼ି ସେନାମାନଙ୍କୁ କ'ଣ ଅନୁରୋଧ କଲା ?**

(a) ପଇସା ଦେବା ପାଇଁ ଅନୁରୋଧ କଲା
(b) ନିଜ ଘରେ ଖାଇବା ପାଇଁ
(c) ଧାନ ନ କାଟିବାକୁ ଅନୁରୋଧ କଲା
(d) ଗାଁ ଲୋକମାନଙ୍କର ଅସୁବିଧା ଦୂର କରିବା ପାଇଁ

**୩. ରାଜା କାହିଁକି ଶିବିର ପକାଇ ରହିଲେ?**

(a) ଯୁଦ୍ଧ କରିବା ପାଇଁ (c) ନୂଆ ଏକ ରାଜ୍ୟ ତିଆରି କରିବା ପାଇଁ

(b) ଶିକାର କରିବା ପାଇଁ (d) ପ୍ରଜାମାନଙ୍କ ବିଷୟରେ ଜାଣିବା ପାଇଁ

**୪. ସେନାମାନେ ଖାଦ୍ୟପଦାର୍ଥ ସଂଗ୍ରହ କରିବା ପାଇଁ କେଉଁଠାକୁ ଗଲେ?**

(a) ହୋଟେଲ (b) ବଜାର (c) ପାଖ ଗାଁ (d) ମନ୍ଦିର

**୫.ରାଜା ବୁଢାଚାଷୀଟିକୁ କେତେ ସ୍ୱର୍ଣ୍ଣମୁଦ୍ରା ପୁରସ୍କାର ଦେଲେ?**

(a) ପାଞ୍ଚଶହ (b) ଏକଶହ (c) ଏକ (d) ଏକ ହଜାର

**'ଖ' ବିଭାଗ**

**୬. ଦିଆଯାଇଥିବା ବାକ୍ୟ ମଧ୍ୟରେ କେତୋଟି ଯୋଡାଶବ୍ଦ ଅଛି ବାଛି ଲେଖ ।**

**ବାକ୍ୟ- ପର୍ବପର୍ବାଣି ଦିନ ଆମେ ଘରଦ୍ୱାର ଲିପାପୋଛା କରି ସାଜସଜ୍ଜା କରୁ ।**

(a) ୪ (b) ୫ (c) ୩ (d) ୨

**୭. କେଉଁଟି ଯୋଡାଶବ୍ଦ ଅଟେ ?**

(a) ବାଟଘାଟ, ନଦୀପାଣି (c) ବହିପତ୍ର, ଔଷଧପତ୍ର

(b) ଗଛଲତା, ସବୁଜବନାନୀ (d) ଫୁଲଫଳ, ଜନଜାତି

**୮. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ଠିକ୍ ଯୋଡ଼ାଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର।**

**କରୋନା ସଂକ୍ରମଣ ରୋକିବା ପାଇଁ ----------- ରେ ହେଉଥିବା ଗହଳି ଉପରେ ସରକାର କଟକଣା କରିଛନ୍ତି ।**

(a) ସିନେମାହଲ (b) ହାଟବଜାର (c) ମନ୍ଦିରମାଳିନୀରେ (d) ପାର୍କଜାଗାରେ

**୯. ନିମ୍ନଲିଖିତ ଶବ୍ଦଗୁଡ଼ିକ ମଧ୍ୟରୁ ଠିକ୍ ଶବ୍ଦଟିକୁ ବାଛି ଯୋଡ଼ାଶବ୍ଦଟିଏ ଗଢ ଓ ଶୂନ୍ୟସ୍ଥାନ ପୂରଣ କର।**

**ଆମେ ବାପା------ଙ୍କ କଥା ମାନି ଚଳିବା ଉଚିତ।**

(a) ମଉସା (b) ପିଉସା (c) ଦାଦି (d) ମାଆ

**୧୦. ବୋଉଙ୍କ (୩), ଘରକୁ (୪), ସାଥିରେ (୧), ଗଲା (୨), ଚନ୍ଦନ (୫), ତନ୍ମୟ(୬) - କେଉଁ କ୍ରମରେ ଲେଖିଲେ ଠିକ୍ ବାକ୍ୟ ହେବ ।**

(a) ୧,୩,୪,୫,୨,୬ (b) ୬,୫,୪,୩,୧,୨ (c) ୧,୨,୩,୬,୫,୪ (d) ୧, ୪,୩,୫,୬,୨

**୧୧. ଭିତରକନିକା (୩) , ଗନ୍ତାଘର (୪) , ଏକ (୧) , ପ୍ରାକୃତିକ(୨) , ସୌନ୍ଦର୍ଯ୍ୟର(୫) , - କେଉଁ କ୍ରମରେ ଲେଖିଲେ ଠିକ୍ ବାକ୍ୟ ହେବ |**

(a) ୩,୨,୫,୧,୪ (b) ୫,୨,୧,୪,୩ (c) ୧,୨,୩,୫,୪ (d) ୧, ୪,୩,୫ ,୨

**୧୨. ନିଜର ପୋଷାକପରିଚ୍ଛଦକୁ --------- ରଖିବା ଉଚିତ୍ ।(ଅପରିଷ୍କାର) ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦର ବିପରୀତ ଶବ୍ଦ ଚିହ୍ନଟ କରି ଶୂନ୍ୟସ୍ଥାନ ପୂରଣ କର ।**

(a) ସଫା (b) ସଫାସୁତୁରା (c) ପରିଷ୍କାର (d) ଅସନା

**୧୩. ସଂସାରରେ ହସଖୁସି,ବାଦବିବାଦ,ଭଲମନ୍ଦ,ରାଗରୁଷା ଲାଗି ରହିଥାଏ । ଦିଆଯାଇଥିବା ବାକ୍ୟରେ ବିପରୀତ ଅର୍ଥ ବୁଝାଉଥିବା ଯୋଡ଼ା ଶବ୍ଦଟି ବାଛି ଲେଖ ।**

(a) ଭଲମନ୍ଦ (b) ହସଖୁସି (c) ବାଦବିବାଦ (d) ରାଗରୁଷା

**୧୪. ଦିଆଯାଇଥିବା ଉକ୍ତିଟିକୁ ପଢି ରେଖାଙ୍କିତ ଶବ୍ଦର ବିପରୀତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର । କଥାରେ କହନ୍ତି ,ବୟସ ହୋଇଗଲେ ବୃଦ୍ଧ ଓ ---------- ସମାନ ।**

(a) ବାଳୁତ (b) ବୟସ୍କ (c) ବୃଦ୍ଧା (d) ବୁଢା

**୧୫. 'କୃତ୍ରିମ' – ଶବ୍ଦର ବିପରୀତ ଶବ୍ଦ ଚିହ୍ନଟ କର।**

(a) ରାସାୟନିକ (b) ଜୈବିକ (c) ପ୍ରାକୃତିକ (d) ମନୁଷ୍ୟକୃତ

**୧୬. 'ନିରାପଦ'କୁ ନେଇ ସାର୍ଥକ ବାକ୍ୟଟିଏ ଗଢ।**

(a) ନିରାପଦ ନୁହେଁ ବିପଦ ।
(b) ଭଲ ସମସ୍ତେ ନିରାପଦ ।
(c) ଘର ଏକ ନିରାପଦ ସ୍ଥାନ ଅଟେ ।
(d) ମୁଁ ନିରାପଦ ପଢା ଅଟେ ।

**୧୭. 'କ୍ଷେତବାଡ଼ି'କୁ ନେଇ ସାର୍ଥକ ବାକ୍ୟଟିଏ ଗଢ।**

(a) ସହର ଅଟେ କ୍ଷେତବାଡ଼ି।
(b) ମୁଁ ତୁମ କ୍ଷେତବାଡ଼ି ଅଛି।
(c) ଘର ଆମର କ୍ଷେତବାଡ଼ି ସୁନ୍ଦର।
(d) ଚାଷୀ ତା' କ୍ଷେତବାଡ଼ିର ଯତ୍ନ ନିଏ।

**୧୮. ଯେଉଁ ଜିନିଷ ସହଜରେ ମିଳେ ନାହିଁ : ଏହାକୁ ଏକ ପଦରେ ପ୍ରକାଶ କଲେ କ'ଣ ହେବ ?**

(a) ସୁଲଭ (b) ଶସ୍ତା (c) ଦୁର୍ଲଭ (d) ଦାମିକିଆ

**୧୯. ଯେଉଁଠାରେ ପଶୁପକ୍ଷୀମାନେ ସ୍ୱାଧୀନ ଓ ନିର୍ଭୟରେ ବିଚରଣ କରନ୍ତି : ଏହାକୁ ଏକ ପଦରେ ପ୍ରକାଶ କଲେ କ'ଣ ହେବ ?**

(a) ଚିଡ଼ିଆଖାନା (b) ଅଭୟାରଣ୍ୟ (c) ଉଭୟ a ଓ b (d) ଘଞ୍ଚ ବୃକ୍ଷ

**୨୦. ଯେଉଁ ବଣଟି କୁହୁକ ରାଜ୍ୟ ଭଳି ମନେ ହୁଏ : ଏହାକୁ ଏକ ପଦରେ ପ୍ରକାଶ କଲେ କ'ଣ ହେବ ?**

(a) ମାୟାନଗରୀ (b) କୁହୁକରାଜ୍ୟ (c) ମାୟାପୁରୀ (d) କୁହୁକୀବନ

**୨୧ . ସମୁଦ୍ର ନିକଟବର୍ତ୍ତୀ ବାଲୁକା ଶଯ୍ୟା : ଏହାକୁ ଏକ ପଦରେ ପ୍ରକାଶ କଲେ କ'ଣ ହେବ ?**

(a) ବେଳାଭୂମି (b) ବନଭୂମି (c) ପଡ଼ିଆ (d) ଗୋଚରଭୂମି

**୨୨. 'ପରହିତେ' ଶବ୍ଦର ଉପଯୁକ୍ତ ଗଦ୍ୟରୂପ ଚିହ୍ନଟ କର ।**

(a) ପରର ଉନ୍ନତି (b) ଅନ୍ୟର ମଙ୍ଗଳ (c) ପରର ହିତରେ (d) ପର କାମ

**୨୩. 'ଜନମ' ଶବ୍ଦର ଉପଯୁକ୍ତ ଗଦ୍ୟରୂପ ଚିହ୍ନଟ କର ।**

(a) ଯତ୍ନ (b) ଜନ୍ମ (c) ଜମ୍ନ (d) ଯମ୍ନ

**୨୪. 'ମରମ' ଶବ୍ଦର ଉପଯୁକ୍ତ ଗଦ୍ୟରୂପ ଚିହ୍ନଟ କର ।**

(a) ମମ୍ର (b) ମର୍ମ (c) ମ୍ରମ (d) ମର୍ମା

**୨୫. 'ବରତିବ' ଶବ୍ଦର ଉପଯୁକ୍ତ ଗଦ୍ୟରୂପ ଚିହ୍ନଟ କର ।**

(a) ବର୍ତିବ (b) ବର୍ତୀବ (c) ବର୍ତ୍ତୀବ (d) ବର୍ତ୍ତିବ

**୨୬. ଭିତରକନିକାର ସବୁଠାରୁ ଆକର୍ଷଣୀୟ ହେଉଛି କଇଁଛ ଗୌରୀ।**

(a) ଠିକ୍  (b) ଭୁଲ୍

**୨୭. ଛୋଟ ହେଲେ ମଧ ଜଣେ ଅନେକ ବଡ଼ବଡ଼ କାମ କରି ଜଗତର ଉପକାର କରିପାରେ।**

(a) ଠିକ୍  (b) ଭୁଲ୍

**୨୮.ଭଦ୍ରଲୋକ ଜଣଙ୍କ ଟିକେଟ୍ ତାଙ୍କ ଶାର୍ଟ ପକେଟ୍ ରେ ରଖିଥିଲେ।**

(a) ଠିକ୍  (b) ଭୁଲ୍

**ବନ୍ଧନୀ ମଧ୍ୟରେ ଦିଆଯାଇଥିବା ଶବ୍ଦଗୁଡ଼ିକର ନୂଆରୂପ ଲେଖି ଶୂନ୍ୟସ୍ଥାନ ପୂରଣ କର ।**

**୨୯.କରୋନା ମହାମାରୀ ଯୋଗୁଁ ଏ ବର୍ଷ ଆମ ବିଦ୍ୟାଳୟରେ ______________ ଉତ୍ସବ ପାଳନ କରାଗଲା ନାହିଁ । (ବର୍ଷ)**

**୩୦.ପଞ୍ଚାୟତ ନିର୍ବାଚନରେ ________ ନେତାମାନେ ଜୋରସୋରରେ ପ୍ରଚାର କଲେ । (ଦଳ)**

**୩୧.ସମୁଦ୍ରରୁ ମିଳୁଥିବା ________ ମାଛମାନଙ୍କର ଚାହିଦା ଖୁବ ବେଶି । (ସମୁଦ୍ର)**

**୩୨.ଖରାରେ ବହୁତ ସମୟ ଧରି ପନିପରିବାକୁ ରଖିଲେ ସେଗୁଡ଼ିକର_________________ ଅଂଶ ଶୁଖିଯାଏ ।(ଜଳ)**

## ‘ଗ’ ବିଭାଗ

୩୩. ଭିତରକନିକାର ଲୁଣା ଜଙ୍ଗଲ ଲୋକମାନଙ୍କର କି ଉପକାର କରେ?

(a) ଲୁଣା ଜଙ୍ଗଲରେ ଅନେକ ଫୁଲ ଗଛ ଦେଖିବାକୁ ମିଳେ।

(b) ଏହା ସେ ଅଞ୍ଚଳର ପ୍ରାକୃତିକ ପ୍ରାଚୀର ଭଳି କାମ କରେ ତଥା ଭୟଙ୍କର ବନ୍ୟା,ବାତ୍ୟା,ଓ ସାମୁଦ୍ରିକ ଢେଉ କବଳରୁ ଏହା ଲୋକଙ୍କର ଧନଜୀବନ ରକ୍ଷା କରେ।

(c) ଲୁଣାଗଛର ଚେର ମାଟିକୁ ଜାବୁଡ଼ି ଧରେ ନାହିଁ ଓ ସେଥିପାଇଁ ମାଟି ଧୋଇଯାଏ ।

(d) ଏଠାରୁ ପ୍ରଚୁର ପରିମାଣରେ ଅଙ୍ଗୁର କୋଳି ସଂଗ୍ରହ କରାଯାଏ।

**୩୪. ନିମ୍ନଲିଖିତ ମଧ୍ୟରୁ କେଉଁ ପ୍ରାଚୀନ ଇତିହାସ ମାଟିତଳୁ ମିଳିଛି ?**

(a) ସାଇ ମନ୍ଦିର, ରାଜ୍ୟ ସଂଗ୍ରହାଳୟ  (c) ବାରବାଟୀ ଦୁର୍ଗ, ଶିଶୁପାଳ ଗଡ଼

(b) ବାରବାଟୀ ଷ୍ଟାଡିଅମ ,ଉଦୟଗିରି  (d) , ଧଉଳି, ଲଳିତଗିରି

**୩୫. ନିମ୍ନଲିଖିତ ମଧ୍ୟରୁ କେଉଁ କଥାଗୁଡ଼ିକ ଠିକ୍ ଅଟେ ?**

କ) ମହୁମାଛି ଜଗତକୁ ବନ୍ଧୁ କରିଥାଏ।

ଖ) ପଳାଶ ଫୁଲର ଭଲ ବାସ୍ନା ଥାଏ।

ଗ) ଗଙ୍ଗଶିଉଳି ଫୁଲ ସକାଳେ ଫୁଟି ସଞ୍ଜରେ ଝଡି ଯାଏ।

ଘ) ଆମେ ସବୁବେଳେ ନିଜ କଥା ଚିନ୍ତା କରିବା ଉଚିତ୍

(a) କ, ଖ ଠିକ୍ ଓ ଗ, ଘ ଭୁଲ୍ (c) ଖ, ଘ ଭୁଲ୍ କ, ଗ ଠିକ୍

(b) କ, ଠିକ୍ ଓ ଖ, ଗ , ଘ ଭୁଲ (d) ଖ ଭୁଲ କ, ଘ, ଗ ଠିକ୍

**୩୬. ସ୍ୱାଧୀନତା ସମସ୍ତଙ୍କର ଜନ୍ମଗତ ଅଧିକାର - ଏହା ଆମେ କେଉଁ ବିଷୟରୁ ଶିଖିଲେ?**

(a) ମାଟି (c) ସାଇତି ରଖିବା ସଜାଇ ରଖିବା

(b) ଗଛ ଓ କାଠୁରିଆ (d) ଭଲ କି କରିନି ମୁହିଁ

**୩୭. ଜିଆକୁ କାହିଁକି କୃଷକର ବନ୍ଧୁ ବୋଲି କୁହାଯାଏ?**

(a) ଜିଆ ଏକ ପ୍ରାକୃତିକ ସାର ଭଳି କାମ କରେ (c) ଜିଆ ମାଟିକୁ ଖୋଳିଲେ ତାହା ଫସ୍ ଫସିଆ ହୋଇଯାଇ ମାଟିକୁ ଉର୍ବର କରାଏ ।

(b) ଜିଆ କୀଟନାଶକ ଔଷଧ ଅଟେ । (d) ଉପରୋକ୍ତ କୌଣସି କାରଣ ନୁହେଁ ।

**୩୮. କେଉଁ କାରଣ ଯୋଗୁଁ ମାଟିକୁ ଆମେ ମାଆ ସହିତ ତୁଳନା କରିପାରିବା ?**

a) ମାଟିକୁ ତାଡ଼ି ଦେଲେ ଯୁଗ ଯୁଗ ର ଇତିହାସ ମିଳେ ।

b) ପିଲାଟି ବେଳରୁ ଆହାର ଦେଇ ସୁଖରେ ପାଳିଛି ।

c) ମାଟି ତଳୁ ଲୁହା,ମାଙ୍ଗାନିଜ,ପେଟ୍ରୋଲ,କୋଇଲା ମିଳେ।

d) ଘର କରିବାକୁ କାଠ ଯୋଗାଉଛି |

**୩୯.'ସାଇତି ରଖିବା ସଜାଇ ରଖିବା' ବିଷୟରେ ଚନ୍ଦନ କାହାକୁ ଜିନିଷ ସାଇତି ରଖିବା ପାଇଁ ବୁଝାଉଥିଲା ?**

(a) ସହପାଠୀ (b) ଚିନୁ (c) ତନ୍ମୟର ବୋଉ (d) ତନ୍ମୟ

**୪୦. ପିଲାଟି ଶୀତରୁ ନିଜକୁ ରକ୍ଷା କରିବା ପାଇଁ କାହାର ସାହାଯ୍ୟ ନେଲା ?**

(a) ମାଆର ପଣତ କାନି (b) ମାଆଙ୍କର ଚଦର(c) a ଓ b ଉଭୟ(d) ବୋଉର ଶାଢୀ

*******************